ODISHA POLICE
STATE HEADQUARTERS
CUTTACK.

---

# ରାଜ୍ୟ ପୋଲିସ ମୁଖ୍ୟାଳୟ
## ପ୍ରେସ୍ ନୋଟ୍
## ତା ୨୫.୦୨.୨୦୨୫

ଆଜି ଅପରାହ୍ନରେ କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡିଆରେ ୭୩ତମ ରାଜ୍ୟସ୍ତରୀୟ ପୋଲିସ ଆଥଲେଟିକ ଚାମ୍ପିୟନସିପ ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ମନୋଜ୍ଞ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ଶ୍ରେଷ୍ଠ କ୍ରୀଡାବିତ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଖୁରାନିଆ ତାଙ୍କ ବକ୍ତବ୍ୟରେ ଖେଳାଳୀ ମାନଙ୍କୁ ଆଗାମୀ ଦିନରେ ଉତ୍କୃଷତା ପ୍ରଦର୍ଶନ କରିବା ସହ ଓଡିଶା ପୋଲିସର ସୁନାମ ବଢାଇବାକୁ ପରାମର୍ଶ ଦେଇଥିଲେ। ବକ୍ସିବଜାର ପୋଲିସ ଖେଳ ପଡିଆକୁ Synthetic turf Ground ରେ ପରିବର୍ତ୍ତନ କରାଯାଇ ପ୍ରଥମ ଥର ପାଇଁ Athletic Championship ଆୟୋଜିତ ହୋଇଥିବାରୁ ସମସ୍ତ ଆୟୋଜକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଚାମ୍ପିୟାନସିପରେ ବିଭିନ୍ନ Police Districts, Battalions ଏବଂ Units ର 41 ଟି ପୋଲିସ ଟିମ ଅଂଶଗ୍ରହଣ କରିଥିବାବେଳେ 132 ଜଣ ମହିଳା ଖେଳାଳୀଙ୍କ ସମେତ ସମୁଦାୟ 797 ଜଣ ଖେଳାଳୀ ଅଂଶ ଗ୍ରହଣ କରିଥିଲେ।

ଏହି ଅବସରେ ଡିଜିପି ଓଡିଶା ପୋଲିସ ପାଇଁ ଗୌରବ ଆଣିଥିବା କ୍ରୀଡାବିତଙ୍କୁ ପୁରସ୍କୃତ କରିଥିଲେ। ପୁରୁଷ ବିଭାଗର ଶ୍ରେଷ୍ଠ ଆଥଲେଟ ଭାବେ ବ୍ରହ୍ମପୁରର କନଷ୍ଟେବଲ ଅଭିଷେକ ଦଳବେହେରା, ମହିଳା ବିଭାଗର ଶ୍ରେଷ୍ଠ ଆଥଲେଟ ଭାବେ ସୁନ୍ଦରଗଡ ଜିଲ୍ଲାର କନଷ୍ଟେବଲ ସୁସ୍ମିତା ଟିଗ୍ଗା, ଉଦୀୟମାନ ଆଥଲେଟ ଭାବେ ସୁନ୍ଦରଗଡ ଜିଲ୍ଲାର କନଷ୍ଟେବଲ ସବିତା ଟପ୍ପୋ, ଶ୍ରେଷ୍ଠ ଜିଲ୍ଲା ଟିମ ଭାବେ କେନ୍ଦୁଝର, ଶ୍ରେଷ୍ଠ ଡେକାଥଲନ ଆଥଲେଟ ଭାବେ କେନ୍ଦୁଝର ଜିଲ୍ଲାର କନଷ୍ଟେବଲ ଦେବପ୍ରସାଦ ଖିଲାର, ୧୦,୦୦୦ ମିଟର ଦୌଡରେ ମାଲକାନଗିରୀର ଚତୁର୍ଥ ଏସଏସବିଏନ ର ସିପାହୀ ସୂର୍ଯ୍ୟକାନ୍ତ ରାୟ, ୫୦୦୦ ମିଟର ଦୌଡରେ ପୁରୀ ଜିଲ୍ଲାର କୁନା ମାରାଣ୍ଡି, ୩୦୦୦ ମିଟର ଷ୍ଟେପଲ ଚେଜରେ ଖୋର୍ଦ୍ଧାର କନେଷ୍ଟବଲ ବୁନିପ୍ ପ୍ରଧାନଙ୍କୁ ଡିଜିପି

ପୁରସ୍କୃତ କରିଥିଲେ। ସମସ୍ତ କ୍ରୀଡା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବାରୁ ମାଲକାନଗିରି ଜିଲ୍ଲାକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ମହିଳା ବିଭାଗରେ ଦଳଗତ ଚମ୍ପିୟାନ ଟ୍ରଫି କେନ୍ଦୁଝର ଜିଲ୍ଲା ହାସଲ କରିଥିବା ବେଳେ ସୁନ୍ଦରଗଡ ଜିଲ୍ଲା ରନର୍ସଅପ ହୋଇଥିଲା। ସେହିପରି ପୁରୁଷ ବିଭାଗରେ ଷଷ୍ଠ ବାଟାଲିୟନ, କଟକ କୁ ଟିମ ଚାମ୍ପିୟାନ ଭାବେ ଡିଜିପି ଟ୍ରଫି ପ୍ରଦାନ କରିଥିଲେ।

ଏହାସହ ଅଫିସରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ୧୦୦ ମିଟର ଦୌଡରେ କଟକ ଡିସିପି ଶ୍ରୀ ଜଗମୋହନ ମୀନା ପ୍ରଥମ, ଏଆଇଜି (ମୁଖ୍ୟାଳୟ) ଶ୍ରୀ ବି. ଗଙ୍ଗାଧର ଦ୍ୱିତୀୟ ଏବଂ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଶ୍ରୀ ଦୟାଲ ଗଙ୍ଗୱାର ତୃତୀୟ ସ୍ଥାନ ଅଧିକାର କରିଥିଲେ।

କଟକ ଡିସିପି ଶ୍ରୀ ଜଗମୋହନ ମୀନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଷଷ୍ଠ ବାଟାଲିୟନର କମାଣ୍ଡାଣ୍ଟ ଶ୍ରୀ ସୂର୍ଯ୍ୟନାରାୟଣ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। ପରିଚାଳନା କମିଟିର ଉପାଧ୍ୟକ୍ଷ ଶ୍ରୀ ଦୟାଲ ଗଙ୍ଗୱାର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉଦଯାପନୀ ଉତ୍ସବରେ ରାଜ୍ୟର ବହୁ ବରିଷ୍ଠ ପୋଲିସ ଅଧିକାରୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟଯେ, ମହିଳା ବର୍ଗରେ ସୁନ୍ଦରଗଡ଼ ଜିଲ୍ଲାର ସୁସ୍ମିତା ଟିଗା ୫୦୦୦ ମିଟର ଦୌଡ଼ରେ (1୪:14.1 ସେକେଣ୍ଡ), କୋରାପୁଟ ଜିଲ୍ଲାର ବାସନ୍ତୀ ମଣ୍ଡିଆ ୫୦୦୦ ମିଟର ଦୌଡ଼ରେ (1୪:53.0 ସେକେଣ୍ଡ), ଅନୁଗୁଳ ଜିଲ୍ଲାର ତେଜସ୍ୱିନୀ କିସ୍ପଟ୍ଟା ୫୦୦୦ ମିଟର ଦୌଡ଼ରେ (1୪:5୪.୪ ସେକେଣ୍ଡ), କୋରାପୁଟ ଜିଲ୍ଲାର ସଞ୍ଜୁକ୍ତା ମିଞ୍ଜ ଜାଭେଲିନ୍ ଥ୍ରୋରେ (3୪.46 ମିଟର), ସୁନ୍ଦରଗଡ଼ ଜିଲ୍ଲାର ସବିତା ଟୋପୋ 100 ମିଟର ହରଡଲସରେ (୧୪.୫ ସେକେଣ୍ଡ) ନୂତନ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ସେହିପରି ପୁରୁଷ ବିଭାଗରେ ଅଷ୍ଟମ ଏସ୍ଆଇଆର ବାଟାଲିୟନର ଅଶୋକ ଦଣ୍ଡସେନ 1500 ମିଟରରେ (3:53.୨ ସେକେଣ୍ଡ), ପୁରୀ ଜିଲ୍ଲାର କୁନା ମାରାଣ୍ଡି 1500 ମିଟରରେ (3:5୨•୪ ସେକେଣ୍ଡ), ତୃତୀୟ ଏସ୍ଆଇଆର ବାଟାଲିୟନ, କୋରାପୁଟର ଯୁଗେଶ କୁମାର ଦାସ, ହାମର ଥ୍ରୋରେ (47.57 ମିଟର) ନୂତନ ରେକର୍ଡ ସ୍ଥାପନ କରିଛନ୍ତି ।

ଲୋକ ସମ୍ପର୍କ ଅଧିକାରୀ